



# ୧୭

# ସାମାଜିକ ପରିବର୍ତ୍ତନର କାରକ (FACTORS OF SOCIAL CHANGE)

**ଆ**ପଣମାନେ ବର୍ତ୍ତମାନ ସୁଦ୍ଧା ସାମାଜିକ ପରିବର୍ତ୍ତନର ଧାରଣା ଓ ଏହା ସହିତ ଜଡ଼ିତ ତାତ୍ତ୍ୱିକ ବିଶ୍ଳେଷଣମାନଙ୍କ ସହିତ ପରିଚିତ ହୋଇ ସାରିଛନ୍ତି । ସବୁ ସମାଜରେ ସବୁ ସମୟରେ ପରିବର୍ତ୍ତନ ଘଟୁଥାଏ । ବେଳେବେଳେ ଏହା ଅକସ୍ମାତ୍ ଘଟେ, ଯେତେବେଳେ କୌଣସି ଏକ ବିପ୍ଳବ ସଂଘଟିତ ହୋଇ ପୁରୁଣା ସାମାଜିକ ବ୍ୟବସ୍ଥାକୁ ପରିବର୍ତ୍ତନ କରିଥାଏ । ଅନ୍ୟବେଳେ ଏହା ଧୀରମନ୍ଥର ଗତିରେ ଦେଖାଯିବା ଭଳି ଓ ଆନୁମାନିକ ଭାବରେ ଘଟିଥାଏ । ବେଳେବେଳେ ପରିବର୍ତ୍ତନ ଘଟିଲା ଭଳି ନ ଲାଗିଲେ ମଧ୍ୟ ଏହା ବିଭିନ୍ନ କାରକମାନଙ୍କ ଦ୍ୱାରା ସୃଷ୍ଟି ହୋଇଥାଏ । ତେଣୁ ସମାଜ ବିଜ୍ଞାନୀମାନେ ସେହିସବୁ କାରକମାନଙ୍କର ଅଧ୍ୟୟନ କରିବା ଦରକାର, ଯେଉଁମାନେ ପରିବର୍ତ୍ତନକୁ ବିରୋଧ କରନ୍ତି କରିବା ଦରକାର, ଯେଉଁମାନେ ପରିବର୍ତ୍ତନକୁ ବିରୋଧ କରନ୍ତି ବା ସୃଷ୍ଟି କରନ୍ତି । ଏହି ଅଧ୍ୟାୟରେ ଆମେ ସାମାଜିକ ପରିବର୍ତ୍ତନର କାରକମାନଙ୍କ ବିଷୟରେ ପଢ଼ିବା ।

### ଉଦ୍ଦେଶ୍ୟ (Objectives)

ଏହି ଅଧ୍ୟାୟକୁ ପଢ଼ିବା ପରେ ଆପଣ -

- ➪ ସାମାଜିକ ପରିବର୍ତ୍ତନର କ୍ରିୟାବିଧିକୁ ବ୍ୟାଖ୍ୟା କରିପାରିବେ;
- ➪ ସାମାଜିକ ପରିବର୍ତ୍ତନର ଉହ୍ୟ ବା ନିହିତ କାରଣ ସବୁକୁ ଚିହ୍ନଟ କରିପାରିବେ; ଏବଂ
- ➪ ସମାଜରେ ପରିବର୍ତ୍ତନ ଘଟାଉଥିବା କାରକମାନଙ୍କର ଭୂମିକାକୁ ବିଶ୍ଳେଷଣ କରିପାରିବେ ।

## ୧୭.୧ ସାମାଜିକ ପରିବର୍ତ୍ତନର କାରକ

ସାମାଜିକ ପରିବର୍ତ୍ତନ ଏକ ଜଟିଳ ଓ ବହୁମୁଖୀ ଘଟଣା । ଯେହେତୁ ସମାଜର ଏକ କ୍ଷେତ୍ରରେ ଘଟୁଥିବା ପରିବର୍ତ୍ତନ ସବୁ ଅନ୍ୟାନ୍ୟ କ୍ଷେତ୍ରକୁ ପ୍ରଭାବିତ କରିଥାଏ, ସେଥିପାଇଁ ସାମାଜିକ ପରିବର୍ତ୍ତନର ଏକ ସାମଗ୍ରିକ ଦୃଷ୍ଟିକୋଣ ରଖିବା ବାଞ୍ଛନୀୟ । ଏହାଦ୍ୱାରା ସେହି ସବୁ ପରିବର୍ତ୍ତନର କାରକମାନଙ୍କ ବୁଝିବା ସହଜ ହୋଇଥାଏ, ଯେଉଁମାନଙ୍କର ଏହି ସମଗ୍ର ପ୍ରକ୍ରିୟା ଉପରେ ବ୍ୟାପକ ପ୍ରଭାବ ଥାଏ । ଏହା ଯୋଗୁଁ ଆମେ, ଘଟୁଥିବା ବିଭିନ୍ନ ପରିବର୍ତ୍ତନକୁ ବୁଝିପାରିବା, ମୂଲ୍ୟାଙ୍କନ କରିପାରିବା ଏବଂ ବିଭିନ୍ନ କାରକ ଓ ପରିବର୍ତ୍ତନ ମଧ୍ୟରେ ଥିବା ପରିପୂରକ ସଂପର୍କ ଓ ପାରସ୍ପାରିକ ପ୍ରଭାବ ସବୁକୁ ଚିହ୍ନିପାରିବା ।



ଟୀପ୍ପଣୀ



ସାମାଜିକ ପରିବର୍ତ୍ତନ ବିଭିନ୍ନ କାରକମାନଙ୍କ ଯୋଗୁଁ ହୋଇଥାଏ । ସେମାନଙ୍କ ମଧ୍ୟରୁ କେତେକ ଏଠାରେ ଆଲୋଚନା କରାଯାଉଛି ।

(କ) ଅନ୍ତର୍ମୁଖୀ (endogenous) ଯାହାକି ସମାଜରେ ନିହିତ ଥାଏ; ଏବଂ

(ଖ) ବହିର୍ମୁଖୀ (exogenous factors)

ଅନ୍ତର୍ମୁଖୀ ବା ଅନ୍ତର୍ନିହିତ କାରକ କହିଲେ ଢାଞ୍ଚାଗତ ସୁବିଧା ଓ ଲୋକମାନଙ୍କ ମଧ୍ୟରେ ସେସବୁର ବଣ୍ଟନ ଓ ଲୋକମାନଙ୍କର ପ୍ରତି ସେମାନଙ୍କର ଉପଲବ୍ଧତାକୁ ଦର୍ଶାଏ । ବୟସ୍କ ଓ ଯୁବକ, ଶିକ୍ଷିତ ଓ ଅଶିକ୍ଷିତ, ଗ୍ରାମ୍ୟ ଓ ସହରୀମାନଙ୍କ ମଧ୍ୟରେ ହେଉଥିବା ଆନ୍ତଃ ସଂପର୍କ ଓ ସଂଘର୍ଷ ଯୋଗୁଁ ସାମାଜିକ ପରିବର୍ତ୍ତନ ସୃଷ୍ଟି ହୋଇଥାଏ । ଏହି ସଂଘର୍ଷର ମୁଖ୍ୟ କାରଣ ଭିନ୍ନ ଭିନ୍ନ ପରସ୍ପର ବିରୋଧି ମୂଲ୍ୟବୋଧ ହୋଇଥାଏ ।

ପରିବର୍ତ୍ତନର ବହିର୍ମୁଖୀ ବା ବାହ୍ୟକାରକ କହିଲେ ମଣିଷର ନିୟନ୍ତ୍ରଣକୁ ବାହାରେ ଥିବା ସେହିସବୁ ଶକ୍ତି- ଯେପରିକି ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଯୁକ୍ତି କ୍ଷେତ୍ରରେ ହେଉଥିବା ଅପ୍ରତ୍ୟାଶିତ ପରିବର୍ତ୍ତନକୁ ବୁଝାଏ । ଏଠାରେ ଆମେ ସେହିସବୁ କାରକମାନଙ୍କ ମଧ୍ୟରୁ କିଛି ଆଲୋଚନା କରିବୁ-

(କ) ଜନ ବିବରଣ (demographic)
(ଖ) ବୈଷୟିକ / ପ୍ରଯୁକ୍ତି ସଂପର୍କୀତ (technology)
(ଗ) ସାଂସ୍କୃତିକ (cultural)
(ଘ) ରାଜନୈତିକ (political)
(ଙ) ଅର୍ଥନୈତିକ (economic)
(ଚ) ଶିକ୍ଷା (education)

## ୧୭.୨ ସାମାଜିକ ପରିବର୍ତ୍ତନର ଜନବିବରଣ କାରକ (Demographic factors of social change)

ଜନ ବିବରଣ କାରକ କହିଲେ ଆମେ ସେହିସବୁ କାରକକୁ ବୁଝୁ, ଯେଉଁମାନେ କି କ୍ରମାନ୍ୱୟରେ ଥିବା ପିଢ଼ୀମାନଙ୍କର ସଂଖ୍ୟା, ଗଠନ, ଚୟନ ଓ ବଂଶର ଗୁଣାତ୍ମକମାନ ସବୁକୁ ନିର୍ଦ୍ଧାରଣ କରିଥା'ନ୍ତି ।

ଜନସଂଖ୍ୟାରେ ପରିବର୍ତ୍ତନ - (ସଂଖ୍ୟା ଓ ଗଠନ, ଉଭୟ)ର ସମାଜ ଉପରେ ସୁଦୂର ପ୍ରସାରୀ ପ୍ରଭାବ ପଡ଼ିଥାଏ । ଜନସଂଖ୍ୟା ବୃଦ୍ଧି-ହ୍ରାସର ପ୍ରଭାବରେ ଜନସଂଖ୍ୟାର ଆକାର ଓ ଗଠନ ପରିବର୍ତ୍ତିତ ହୋଇଥାଏ । ଜନସଂଖ୍ୟାରେ ପରିବର୍ତ୍ତନ, ଲୋକମାନଙ୍କ ଆର୍ଥିକ ଜୀବନ ଶୈଳୀରେ ପରିବର୍ତ୍ତନ ଘଟାଇଥାଏ । ଏହାଦ୍ୱାରା ଅନ୍ୟ କେତେକ କ୍ଷେତ୍ର, ଯଥା - ମନୁଷ୍ୟ ଜୀବନର ସାମାଜିକ ଦିଗ, ସାଂସ୍କୃତିକ ଦିଗ ଓ ରାଜନୈତିକ ଦିଗ ଇତ୍ୟାଦି ମଧ୍ୟ ପରିବର୍ତ୍ତିତ ହୋଇଥାଏ ।

ଉଭୟ ଜନ୍ମହାର ଓ ମୃତ୍ୟୁହାରରେ ଦ୍ରୁତ ଅବନତି ବ୍ୟାପକ ସାମାଜିକ ପରିବର୍ତ୍ତନ ଆଣିଛି । ଉନ୍ନତ ପରିମଳ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ସୁବିଧା ଯୋଗୁଁ ଭାରତରେ ଜନସଂଖ୍ୟା ନାଟକୀୟଭାବେ ବୃଦ୍ଧି ପାଇଛି । ଏହି ଜନସଂଖ୍ୟା ବୃଦ୍ଧି ଫଳରେ ଅନେକ ଅନ୍ୟ ସମସ୍ୟା, ଯେପରିକି - ବେକାରୀ, ଶିଶୁଶ୍ରମିକ ପ୍ରଥା, ବସ୍ତିସଂଖ୍ୟା, ସାମାଜିକ ଅସ୍ଥିରତା ତଥା ଅପରାଧ ଘଟଣା ଇତ୍ୟାଦି ଆଶାତୀତ ଭାବରେ ମଧ୍ୟ ବଢ଼ିଚାଲିଛି ।

ମୃତ୍ୟୁହାର ହ୍ରାସ ଘଟିବା ଫଳରେ, ବିଗତ ଶତାବ୍ଦୀ ତୁଳନାରେ ଜନସଂଖ୍ୟାରେ ବହୁ ବୃଦ୍ଧି ଘଟିଛି । ଏହା ସହିତ ଉତ୍ତମ ସ୍ୱାସ୍ଥ୍ୟ-ସୁବିଧା ମିଳୁଥିବାରୁ ଅନେକ ଲୋକ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ସକ୍ରିୟ ରହୁଛନ୍ତି । ଏହାଦ୍ୱାରା ସାମାଜିକ ଦୃଷ୍ଟିଭଙ୍ଗୀ ଓ ବିଶ୍ୱାସ ଧାରାରେ ଆଖି ଦୃଶିଆ ପରିବର୍ତ୍ତନ ଆସିଛି ।

ଯେତେବେଳେ ଜନସଂଖ୍ୟା ବୃଦ୍ଧି ଜୀବନଧାରଣର ମାନକୁ ପ୍ରଭାବିତ କରେ, ସେତେବେଳେ ଏହା ନୂତନ ଦୃଷ୍ଟିଭଙ୍ଗୀକୁ ଜନ୍ମ ଦେଇଥାଏ । ବର୍ତ୍ତମାନ ଲୋକମାନେ ମୁକ୍ତ ଭାବରେ ଜନ୍ମ ନିୟନ୍ତ୍ରଣ ପଦ୍ଧତିକୁ



ଟୀପ୍‌ପଣୀ

ଗ୍ରହଣ କରୁଛନ୍ତି । ଏକ ସନ୍ତାନ ପରିବାରର ନିୟମକୁ ମାନୁଛନ୍ତି ଓ ସ୍ଥଳ ବିଶେଷରେ ନିଃସନ୍ତାନ ଦମ୍ପତିମାନେ ପୁର୍ନବିବାହ ନ କରି ପୋଷ୍ୟ ସନ୍ତାନ ଗ୍ରହଣ କରୁଛନ୍ତି ।

ଆମେ ଯଦି ଜନ୍ମହାରରେ ମଧ ହ୍ରାସ ଘଟିବା ଦେଖିଥା'ନ୍ତୁ ତାହାହେଲେ ଆମ ଜୀବନ ଧାରଣର ମାନରେ ଉନ୍ନତି ଘଟିଥା'ନ୍ତା, ମହିଳାମାନଙ୍କୁ ବାରମ୍ବାର ଶିଶୁ ଜନ୍ମ କରିବା ଭଳି କଷ୍ଟସାଧ କାର୍ଯ୍ୟରୁ ମୁକ୍ତି ମିଳିଥାଆନ୍ତା, ଶିଶୁ ଓ ଯୁବକ/ଯୁବତୀମାନଙ୍କର ଉତ୍ତମ ଯତ୍ନ ନିଆଯାଇ ପାରିଥାଆନ୍ତା, ଅର୍ଥାତ୍ ଏକ ସୁସ୍ଥ ସମାଜ ଗଠିତ ହୋଇଥାଆନ୍ତା । ତେବେ ତାହା ଫଳରେ କମ୍ ସଂଖ୍ୟକ ଯୁବକ କାର୍ଯ୍ୟ କରିବା ପାଇଁ ମିଳିଥାଆନ୍ତେ ଓ ଏକ ବଡ଼ ସଂଖ୍ୟାର ବୃଦ୍ଧ-ଜନଙ୍କର ଭରଣ ପୋଷଣର ଦାୟିତ୍ୱ ନେଇଥାଆନ୍ତେ ।

ଜନସଂଖ୍ୟା ବୃଦ୍ଧିର ଲୋକଙ୍କର ଶାରିରୀକ ସ୍ୱାସ୍ଥ୍ୟ ତଥା ଜୀବନୀ ଶକ୍ତି ସହିତ ଏକ ଘନିଷ୍ଠ ସମ୍ପର୍କ ରହିଛି । ଖାଦ୍ୟର ଉପଲବ୍ଧତା ତୁଳନାରେ ଯଦି ଖାଇବାଲୋକଙ୍କ ସଂଖ୍ୟା ବଢ଼ିଯାଏ, ସେତେବେଳେ ପୁଷ୍ଟିହୀନତା ଓ ଅନ୍ୟ ସଂପର୍କୀୟ ରୋଗ ସବୁ ହୋଇଥାଏ । ଏହାଦ୍ୱାରା ଅନେକ ଅନ୍ୟ ରୋଗ ସବୁ ହୋଇଥାଏ - ଯେପରିକି ଶାରୀରିକ ଅଳସୁଆପଣ, ଅକ୍ଷମତା, ଉଦାସୀନତା ଓ ଉଦ୍ୟମ ହୀନତା ଇତ୍ୟାଦି । ଏ ସମସ୍ତେ ଜନସଂଖ୍ୟାର ଗୁଣାତ୍ମକମାନଙ୍କୁ ପ୍ରଭାବିତ କରିଥାଆନ୍ତି । ସାମାଜିକ ସଂରଚନା ଓ ଅନୁଷ୍ଠାନମାନେ ମଧ ଏହାଦ୍ୱାରା ପ୍ରଭାବିତ ହୋଇଥାଆନ୍ତି ।

ଭାରତୀୟ ସମାଜ ପରିପ୍ରେକ୍ଷୀରେ ଆମେ ଦେଖୁଛୁ ଯେ ଜନସଂଖ୍ୟା ବୃଦ୍ଧି ସହିତ ଅନେକ ସମସ୍ୟା ମୁଣ୍ଡ ଟେକୁଛି । ଯେପରିକି ବେକାରୀ, ଦାରିଦ୍ର୍ୟ, ବସ୍ତି-ସଂଖ୍ୟା ବୃଦ୍ଧି ଇତ୍ୟାଦି ଆମର ଢାଞ୍ଚାଗତ ସୁବିଧାମାନଙ୍କ ଉପରେ ବୋଝ ହୋଇଯାଉଛନ୍ତି । ଏହାଫଳରେ ଆବଶ୍ୟକ ସୁବିଧା ସୁଯୋଗ ସବୁ କମି ଯାଉଛି, ନୂତନ ଏକକ ପରିବାର ସବୁ ବଢ଼ି ଚାଲୁଛନ୍ତି, ଯୌଥ ପରିବାରମାନ ବିଘଟିତ ହେଉଛନ୍ତି ଏବଂ ସାମାଜିକ ସଂପର୍କ ସବୁ ଓଲଟପାଲଟ ହୋଇ ଯାଉଛନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୭.୧

ନିମ୍ନୋକ୍ତ ପ୍ରତ୍ୟେକ ବକ୍ତବ୍ୟ ପାଇଁ ଭୁଲ / କିମ୍ବା ଠିକ୍ ଲେଖ ।-

(କ) ଉତ୍ତମ ଓ ଉନ୍ନତ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ଦ୍ୱାରା ଜନସଂଖ୍ୟାରେ ବୃଦ୍ଧି ଘଟେ ।

(ଖ) ଜନ୍ମହାର କମିଗଲେ ଲୋକମାନଙ୍କର ଜୀବନ ଧାରଣର ମାନ ମଧ କମିଯାଏ ।

## ୧୭.୩ ସାମାଜିକ ପରିବର୍ତ୍ତନର ବୈଷୟିକକାରକ (Technology as a factor of social change)

ସମାଜରେ ଘଟିଥିବା ବୈଷୟିକ ବିକାଶ ସବୁ ଦୀର୍ଘସ୍ଥାୟୀ ସାମାଜିକ ପରିବର୍ତ୍ତନ ଆଣିଛନ୍ତି । ମନୁଷ୍ୟ ସମାଜର ପରିବର୍ତ୍ତନ ଓ ବିକାଶ, ବୈଷୟିକ ବିକାଶ ଓ ପରିବର୍ତ୍ତନ ସହିତ ସଂଯୁକ୍ତ ।

ସମାଜ ବିଜ୍ଞାନୀମାନେ କହନ୍ତି, ବୈଷୟିକ ଜ୍ଞାନ ବା ଯନ୍ତ୍ର ବିଦ୍ୟା ଆମର ପରିବେଶକୁ ପରିବର୍ତ୍ତନ କରି ସମଗ୍ର ସମାଜରେ ପରିବର୍ତ୍ତନ ଘଟାଇଥାଆନ୍ତି ଓ ଆମେ ସେହି ପରିବର୍ତ୍ତନ ସହ ନିଜକୁ ଖାପ ଖୁଆଇ ଚଳିଥାଉ । ଏହିସବୁ ପରିବର୍ତ୍ତନ ସାଧାରଣତଃ ଭୌତିକ ପରିବେଶରେ ଘଟିଥାଏ ଓ ଏହି ପରିବର୍ତ୍ତନ ସହ ଆମମାନଙ୍କର ସମଯୋଜନ (adjustment) ଆମର ସାମାଜିକ ଅନୁଷ୍ଠାନ ଓ ପ୍ରଥା ଇତ୍ୟାଦିରେ ମଧ ପରିବର୍ତ୍ତନ ଘଟାଇଥାଏ ।

ଅତୀତରେ ବୈଷୟିକ ବିଦ୍ୟା ସହ ସମାଜ ମଧ ସରଳ ଥିଲା । ପରମ୍ପରାଗତ ସମାଜ ଶାରୀରିକ ଶ୍ରମ ଦ୍ୱାରା ପରିଚାଳିତ ହେଉଥିଲା ତଥା ପରିବାର ଉତ୍ପାଦନର ଏକ ଏକକ ଥିଲା । ଉତ୍ପାଦନ କେବଳ



ଟୀପ୍‌ପଣୀ

ଘରୋଇ ବ୍ୟବହାର ପାଇଁ କରାଯାଉଥିଲା ଓ ଏଥିପାଇଁ ମାନବୀୟ ଶ୍ରମଶକ୍ତି ଓ ପଶୁ ଶ୍ରମ ବିନିଯୋଗ କରାଯାଉଥିଲା । ସେହି ସମୟରେ ଆର୍ଥିକ ଦେଣ-ନେଣରେ ଲାଭର ଉଦ୍ଦେଶ୍ୟ ପ୍ରାଧାନ୍ୟ ରଖୁ ନ ଥିଲା ଓ ଉତ୍ପାଦିତ ଦ୍ରବ୍ୟ ସବୁକୁ ବଜାରକୁ ଅଣାଯାଉ ନ ଥିଲା । ଊନବିଂଶ ଶତାବ୍ଦୀର ମଧ୍ୟାନ୍ତର ପରେ ଔଦ୍ୟୋଗିକ ବିକାଶ ଓ ଔଦ୍ୟୋଗିକି କରଣ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ରୂପ ନେଲା । ବୈଷୟିକ ବିଦ୍ୟା ଦୃଷ୍ଟିକୋଣରୁ ଉତ୍ପାଦନ ସଂଗଠନ କେତେକ ସ୍ୱତନ୍ତ୍ର ଲକ୍ଷଣ ବହନ କଲା । ଏହି ବ୍ୟବସ୍ଥାରେ ପରିବେଶ ଦ୍ୱାରା ପ୍ରଭାବିତ ଓ ନିୟନ୍ତ୍ରିତ ହେବା ପରିବର୍ତ୍ତେ ମନୁଷ୍ୟ ପରିବେଶକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କଲା । ଏହା ଫଳରେ ଅର୍ଥନୀତି ପୃଥକୀକରଣ ଭିତ୍ତିକ ହେଲା, ଜଟିଳ ଶ୍ରମ ବିଭାଜନ, ଉତ୍ପାଦନର ଆକାର ବଢ଼ିଲା ଓ ଉତ୍ପାଦନର ଯାନ୍ତ୍ରିକ ବ୍ୟବସ୍ଥା ଇତ୍ୟାଦି ନୂତନତ୍ୱ, ବିକାଶକୁ ଏକ ତ୍ୱରାନ୍ୱିତ ଗତି ପ୍ରଦାନ କଲା । ବଡ଼ ବଡ଼ କଂପାନୀ ଓ ନିଗମମାନେ ଗଢ଼ି ଉଠିଲେ ଓ ସେମାନଙ୍କ ମଧ୍ୟରୁ କେତେକ ସମୟକ୍ରମେ ବହୁରାଷ୍ଟ୍ରିୟ କମ୍ପାନୀରେ ପରିବର୍ତ୍ତିତ ହେଲେ ।

ଔଦ୍ୟୋଗିକ ସମାଜମାନେ ଅତି ଜଟିଳ ଓ ଅତୀତର ସରଳ ସମାଜଠାରୁ ଆଖି ଦୃଷ୍ଟିଆ ଭାବରେ ଅଲଗା । ଏହିସବୁ ସମାଜମାନଙ୍କରେ-

(୧) ଶ୍ରମ ତୁଳନାରେ ପୁଞ୍ଜିକୁ ଗୁରୁତ୍ୱ ଦିଆଯାଏ;

(୨) ପରିବାର ସ୍ଥାନରେ କଳକାରଖାନା ଉତ୍ପାଦନର ଏକକ ହୁଅନ୍ତି;

(୩) ମନୁଷ୍ୟ ଓ ପଶୁ ଶ୍ରମ ବିନିମୟରେ ସୃଷ୍ଟି ହେଉଥିବା ଶକ୍ତି ପରିବର୍ତ୍ତେ ବାଷ୍ପ, ବିଦ୍ୟୁତ୍ ଓ ପରମାଣୁ ଶକ୍ତିର ବ୍ୟବହାର ହୋଇଥାଏ;

(୪) ମନୁଷ୍ୟ ଓ ପଶୁ ଶ୍ରମ ପରିବର୍ତ୍ତେ ଯନ୍ତ୍ରପାତିର ବ୍ୟବହାର ହୋଇଥାଏ;

(୫) ଉତ୍ପାଦନ କେବଳ ଘରୋଇ ବ୍ୟବହାର ପାଇଁ ନ ହୋଇ, ବଜାରରେ ଲାଭ ପାଇଁ ବିନିମୟ ଉଦ୍ଦେଶ୍ୟରେ ହୋଇଥାଏ;

(୬) ସ୍ଥାନୀୟ ବଜାର ତୁଳନାରେ ଏକ ବିଶ୍ୱବଜାର ବିକଶିତ ହୋଇଥାଏ; ଏବଂ

(୭) ଏକ ଉନ୍ନତ ପରିବହନ ଓ ଯୋଗାଯୋଗ ବ୍ୟବସ୍ଥା ତଥା ଏକ ମୁଦ୍ରାଭିତ୍ତିକ ଅର୍ଥନୀତି ବିକଶିତ ହୋଇଥାଏ ।

ଆଧୁନିକ ବୈଷୟିକ ବିଦ୍ୟା ତଥା ମନୁଷ୍ୟକୃତ ପରିସ୍ଥିତି ସବୁ କେବଳ ଯେ ଉତ୍ପାଦନର ବ୍ୟବସ୍ଥା ଓ ପରିମାଣକୁ ପରିବର୍ତ୍ତନ କରିଛନ୍ତି ତା' ନୁହେଁ, ସେମାନେ ମଧ୍ୟ ଉତ୍ପାଦନ ସଂପର୍କକୁ ପରିବର୍ତ୍ତନ କରିଛନ୍ତି । ଆଧୁନିକ ଔଦ୍ୟୋଗିକ ସଂପର୍କ ସବୁ କମ୍ପାନୀ, ନିଗମ, ସେୟାର ବଜାର, ବହୁରାଷ୍ଟ୍ରିୟ କମ୍ପାନୀ, ବ୍ୟାଙ୍କ ଏବଂ ଔଦ୍ୟୋଗିକ ଶ୍ରମିକ ସଂଗଠନ ଇତ୍ୟାଦିକୁ ସୃଷ୍ଟି କରିଛନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୭.୨

୧. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ପାରମ୍ପରିକ ସମାଜରେ ........................ ଶ୍ରମର ଲକ୍ଷଣ ଦେଖାଯାଏ । (ଯାନ୍ତ୍ରିକ, ମନୁଷ୍ୟ-ହସ୍ତକୃତ)

(ଖ) ଔଦ୍ୟୋଗିକ ସମାଜରେ ................ ପାଇଁ ଉତ୍ପାଦନ କରାଯାଏ । (ଲାଭ, ଘରୋଇ ବ୍ୟବହାର)

(ଗ) ଔଦ୍ୟୋଗିକ ବିକାଶ ଦ୍ୱାରା ....................... ବଜାର ସୃଷ୍ଟି ହୋଇଛି । (ସ୍ଥାନୀୟ, ବିଶ୍ୱ)

## ୧୭.୪ ସାମାଜିକ ପରିବର୍ତ୍ତନର ସାଂସ୍କୃତିକ କାରକ (cultural factors of social change)


ସାଂସ୍କୃତିକ କାରକ କହିଲେ ଆମେ ମୁଖ୍ୟତଃ ଚିନ୍ତାଧାରା, ଜ୍ଞାନ, ମୂଲ୍ୟବୋଧ, ବିଶ୍ୱାସ, ଉଦ୍ଭାବନ ଓ ବିନିମୟ ଇତ୍ୟାଦିକୁ ବୁଝୁ । ସଂସ୍କୃତ, ଉଦ୍ଭାବନ ଓ ଆବିଷ୍କାର ପାଇଁ ଆଧାର ପ୍ରଦାନ କରେ । ସାମାଜିକ ବ୍ୟବସ୍ଥାମାନେ ସାଂସ୍କୃତିକ ମୂଲ୍ୟବୋଧ ଦ୍ୱାରା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସୃଷ୍ଟି ହୋଇଥାଆନ୍ତି । ସାମାଜିକ ସମୂହର ମୂଲ୍ୟବୋଧ ଓ ବିଶ୍ୱାସ ବ୍ୟବସ୍ଥାରେ ଯେ କୌଣସି ପରିବର୍ତ୍ତନ ସମାଜର ଅନୁଷ୍ଠାନମାନଙ୍କୁ ପ୍ରଭାବିତ କରିଥାଏ । ଏହାର ପ୍ରମାଣ ଦେବାକୁ ଯାଇ ଆମେ କହିପାରିବା ଯେ ଭାରତୀୟ ସମାଜରେ ସଂପ୍ରତି ଏକକ ପରିବାରର ଅଭ୍ୟୁଦୟ ସମଗ୍ର ପରିବାର ବ୍ୟବସ୍ଥାରେ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି । ଯୌଥ ପରିବାର ବ୍ୟବସ୍ଥା ଧୀରେ ଧୀରେ ବିଘଟନ ହେଉଛି ଓ ଏହା ଦ୍ୱାରା ପରିବାର ସଦସ୍ୟଙ୍କର ସଂପର୍କ ଓଲଟ ପାଲଟ ହୋଇଯାଉଛି ।

ନୂଆ ନୂଆ ସାମାଜିକ ମୂଲ୍ୟବୋଧ ଓ ବିଶ୍ୱାସ ମଧ ସାମାଜିକ ପରିବର୍ତ୍ତନ ସୃଷ୍ଟି କରେ । ପୁରାତନ ଓ ନୂତନ ମୂଲ୍ୟବୋଧର ସଂଘର୍ଷ, ଏକ ସଂପୂର୍ଣ୍ଣ ନୂତନ ମୂଲ୍ୟବୋଧ ବ୍ୟବସ୍ଥାକୁ ଜନ୍ମଦିଏ । ଉଦାହରଣ ସ୍ୱରୂପ, ଭାରତରେ ମୋଗଲ ଶାସନ ସମୟରେ ସୁଫିମାନେ ହିନ୍ଦୀ ଭାଷାରେ ଲେଖିବା ଆରମ୍ଭ କରିଥିଲେ । ଏହା ଦ୍ୱାରା ହିନ୍ଦୀ ସାହିତ୍ୟର ବିକାଶ ଘଟିଲା । ହିନ୍ଦୀ ଓ ପାର୍ସୀର ଏକ ମିଶ୍ରିତ ଭାଷା ଭାବରେ ଉର୍ଦ୍ଦୁର ଜନ୍ମ ହେଲା । ଏହା ମଧରେ ଆରବୀ ଭାଷାର ମଧ ଅନୁପ୍ରବେଶ ଘଟିଲା । ଜଣେ ଶକ୍ତିଶାଳୀ ମୋଗଲ ସମ୍ରାଟ ଆକବର "ଦିନ୍-ଇ-ଇଲାହୀ'' ପରି ଏକ ରାଷ୍ଟ୍ର ଧର୍ମର ପ୍ରସାର କରିଥିଲେ । ଏହି ରାଷ୍ଟ୍ର ଧର୍ମ ହିନ୍ଦୁ ଓ ମୁସଲିମ୍ ଧର୍ମର ଏକ ଅପୂର୍ବ ସମନ୍ୱୟ ଥିଲା । ଏହା ଛଡ଼ା, ହିନ୍ଦୁ ଓ ମୁସଲିମ ଧର୍ମର ରାଜାମାନେ ଉଭୟ ଧର୍ମର ବ୍ୟକ୍ତିମାନଙ୍କ ମଧରେ ଥିବା କଳାତ୍ମକ ତଥା ସୃଜନଶୀଳ ସାମର୍ଥ୍ୟକୁ ପ୍ରୋତ୍ସାହନ ଦେଇଥିଲେ । ଇସଲାମର ଶିକ୍ଷା କବୀର ଓ ନାନକଙ୍କୁ ବହୁଭାବରେ ପ୍ରଭାବିତ କରିଥିଲା ।

ସମାଜବିଜ୍ଞାନୀମାନେ ସାମାଜିକ ପରିବର୍ତ୍ତନରେ ସାଂସ୍କୃତିକ କାରକମାନଙ୍କର ଭୂମିକାକୁ ସ୍ୱୀକାର କରିଛନ୍ତି । ଏକ ପକ୍ଷରେ ସେମାନେ ବିଭିନ୍ନ ଧର୍ମ ଓ ସାମାଜିକ ସଂରଚନାମାନଙ୍କ ମଧରେ ଥିବା ଆନ୍ତଃ-ସଂପର୍କକୁ ସଂସ୍କୃତିର ଏକ ଦିଗ ରୂପେ ବିବେଚନା କରୁଥିଲାବେଳେ, ଅନ୍ୟପକ୍ଷରେ ସେମାନେ ବିଭିନ୍ନ ଧର୍ମର ନୈତିକ ସୂତ୍ର ବା ନୀତି ସୂତ୍ର (moral code) ଓ ଏହାର ଆର୍ଥିକ ବ୍ୟବସ୍ଥାର ସଂପର୍କକୁ ଅଧ୍ୟୟନ କରିଥାଆନ୍ତି ।

ଏହିପରି ଧର୍ମ ଓ ଅର୍ଥ ବ୍ୟବସ୍ଥା ମଧରେ ଥିବା ଅନ୍ତର୍ସମ୍ବନ୍ଧର ସିଦ୍ଧାନ୍ତମାନଙ୍କ ମଧରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ହିନ୍ଦୁଧର୍ମ, ବୌଦ୍ଧଧର୍ମ ଓ ଇସଲାମ ଧର୍ମ ଇତ୍ୟାଦି, ପୁଞ୍ଜିବାଦର ବିକାଶ ପାଇଁ ଆବଶ୍ୟକ ପଡୁଥିବା ଦରକାରୀ ଜ୍ଞାନ ଓ ବୁଦ୍ଧି ବିବେକ ସୃଷ୍ଟି କରି ପାରି ନଥିଲେ । ଏହି ସବୁ ଧର୍ମ ସଂପର୍କିତ ସଂସ୍କୃତିମାନେ ଅପାର୍ଥିବ ସତ୍ତାକୁ ବେଶୀ ଗୁରୁତ୍ୱ ଦେଇଥାଆନ୍ତି । ଏଥିପାଇଁ ସେମାନେ ଆର୍ଥିକ ବିକାଶ ଓ ବସ୍ତୁବାଦୀ ଉପଲବ୍ଧି ଉପରେ ଗୁରୁତ୍ୱ ଦେଇନାହାନ୍ତି ।

ଏହି ସବୁର ବିପରୀତ, "ପ୍ରୋଟେଷ୍ଟାଣ୍ଟ" ଧର୍ମର ନୀତି ସୂତ୍ର (Moral code) ପାର୍ଥିବ, ବସ୍ତୁବାଦୀ ସତ୍ତା (wordly pursuits)କୁ ଗୁରୁତ୍ୱ ଦେଇଥିଲା । ଏହା ଅନୁସାରେ ବ୍ୟକ୍ତିମାନେ କଠିନ ପରିଶ୍ରମ କରି ଧନ ଆହରଣ କରି, ପୁଞ୍ଜି ବିନିଯୋଗ କରି, ସମୟର ମୂଲ୍ୟ ବୁଝି ଲକ୍ଷ୍ୟ ହାସଲରେ ବ୍ରତୀ ହୋଇଥା'ନ୍ତି । ପ୍ରୋଟେଷ୍ଟାଣ୍ଟ ନୀତି ଶାସ୍ତ୍ରରେ ଥିବା ଏହି ସାଂସ୍କୃତିକ ମୂଲ୍ୟବୋଧ ପଶ୍ଚିମ ୟୁରୋପରେ ପୁଞ୍ଜିବାଦକୁ ବୃଦ୍ଧି କରିଥିଲା ।



ଟୀପ୍ପଣୀ

ଏଣୁ ଏହି ସବୁ ଅଧ୍ୟୟନରୁ ଆମେ ଜାଣିଲୁ ଯେ ଆମର ଧାର୍ମିକ ବିଶ୍ୱାସ ଓ ଆମ ଅନୁଷ୍ଠାନମାନଙ୍କର ସଂରଚନା ଉପରେ ସେମାନଙ୍କର ପ୍ରଭାବ ମଧ୍ୟରେ ଏକ ଅନୁପୂରକତାର ସଂପର୍କ ରହିଛି ।


ବିଭିନ୍ନ ସମାଜମାନଙ୍କ ମଧ୍ୟରେ ଘଟୁଥିବା ସାଂସ୍କୃତିକ ସମ୍ପର୍କରୁ ସାମାଜିକ ପରିବର୍ତ୍ତନ ରୂପରେଖ ନେଇଥାଏ । "ବିକିରଣ" (Diffusion) ହେଉଛି ସାମାଜିକ ପରିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ କ୍ରିୟା-ବିଧି (Mechanism) ଏକ ସମାଜ, ଅନ୍ୟ ଏକ ସମାଜର ସାଂସ୍କୃତିକ ଗୁଣଗୁଡ଼ିକ ବିଭିନ୍ନ ବାଟରେ ଆହରଣ କରିଥାଏ । ଯେପରିକି ଭ୍ରମଣ ଓ ବାଣିଜ୍ୟ-ବ୍ୟବସାୟ ସମ୍ପର୍କିତ ଦୀର୍ଘ ଦିନର ସଂପର୍କ ଏବଂ ଆକସ୍ମିକ ଭାବେ ଘଟୁଥିବା ଯୁଦ୍ଧ, ଯାହା ମାଧ୍ୟମରେ ଆମେ ନୂଆ ଓ ଏ ପର୍ଯ୍ୟନ୍ତ ଗୁପ୍ତ ରହିଥିବା ବୈଷୟିକ ଜ୍ଞାନ କୌଶଳ ବିଷୟରେ ଜାଣିବାକୁ ପାଇଥାଉ ।

ଯେତେବେଳେ ଏକ ସମାଜ ତା'ର ଆବଶ୍ୟକତାକୁ ପୂରଣ କରିପାରେ ନାହିଁ ଓ ଏକ ଶୂନ୍ୟସ୍ଥିତି (Vaccum)ରେ ଥାଏ, ସେତେବେଳେ ନୂଆ ଜ୍ଞାନ କୌଶଳ ସବୁକୁ ଆହରଣ କରି ବ୍ୟବହାର କରାଯାଏ ଓ ସମାଜର ଶୂନ୍ୟ ସ୍ଥାନ ଓ ଆବଶ୍ୟକତା ସବୁକୁ ପୂରଣ କରାଯାଏ । ବିଶେଷ କରି ଏହି ପ୍ରକାରର ଆହରଣ (borrowing) ସବୁ ବିକାଶୋନ୍ମୁଖୀ ଓ ଆଧୁନିକୀକରଣରେ ଆଗ୍ରହୀ ସମାଜମାନଙ୍କ ଦ୍ୱାରା, ବିକଶିତ ଓ ଉନ୍ନତ ସମାଜମାନଙ୍କଠାରୁ କରାଯାଇଥାଏ । ବ୍ୟକ୍ତିଗତ ସଂପର୍କ, ତଥା ଦୁଇ ବା ତତୋଧିକ ସଂସ୍କୃତିର ସଦସ୍ୟମାନଙ୍କର ଆନ୍ତଃକ୍ରିୟା ଦ୍ୱାରା ସାଂସ୍କୃତିକ ଗୁଣଗୁଡ଼ିକର ବିକିରଣ ଘଟିଥାଏ । ଏହିସବୁ ପ୍ରକ୍ରିୟାମାନଙ୍କୁ ଭାରତୀୟ ସମାଜ ମଧ୍ୟକୁ ଆସିଥିବା ପରିବର୍ତ୍ତନ, (ଯାହାକି ଗ୍ରୀକ୍, ମୁସଲିମ ଓ ବ୍ରିଟିଶ୍‌ଙ୍କ ସହିତ ହୋଇଥିବା ସମ୍ପର୍କରୁ ସୃଷ୍ଟି ହୋଇଥିଲା) ପରିପ୍ରେକ୍ଷୀରେ ଦେଖାଯାଇପାରେ । ଇସଲାମ, ଭାରତୀୟ ସଂଗୀତ ଓ ସ୍ଥାପତ୍ୟକୁ ବହୁ ଭାବରେ ପ୍ରଭାବିତ କରିଥିଲା । ସଂଗୀତର ନୂଆ ଶୈଳୀ, ଯେପରିକି ଖୟାଲର ବିକାଶ ଘଟିଥିଲା, ଯାହାକି ପାର୍ସୀ ସଂଗୀତ ଓ ନୂଆ ବାଦ୍ୟ ଉପକରଣ ତବଲା ଓ ସୀତାରର ପ୍ରଭାବରେ ସୃଷ୍ଟି ହୋଇଥିଲା । ସ୍ଥାପତ୍ୟ କ୍ଷେତ୍ରରେ ଭାରତୀୟ ସାର୍ସନିକ ଶୈଳୀର ଆବିର୍ଭାବ ଘଟିଥିଲା, ଯେଉଁ ନିର୍ମାଣ ଶୈଳୀରେ ଖୋଲା ଅନ୍ତଃକକ୍ଷ (open interior), ବଡ଼ ବଡ଼ ଗମ୍ବୁଜ ଓ ମୀନାର ଇତ୍ୟାଦି ରହୁଥିଲା । ସୁଫି ଦାର୍ଶନିକ ଚିନ୍ତାଧାରା ମଧ୍ୟ ଭାରତୀୟ ରହସ୍ୟବାଦ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲା । ଇସଲାମର ଏକେଶ୍ୱର ବାଦର ଧାରଣା ମଧ୍ୟ ହିନ୍ଦୁସମାଜକୁ କେତେକାଂଶରେ ପ୍ରଭାବିତ କରିଥିଲା ଓ ଏହା କବୀର ପନ୍ଥୀମାନଙ୍କର ଭକ୍ତି ଆନ୍ଦୋଳନଦ୍ୱାରା ସମ୍ଭବ ହୋଇଥିଲା ।

ସାଂସ୍କୃତିକ ବିକିରଣ ଗଣମାଧ୍ୟମ ଦ୍ୱାରା ଘଟିଥିଲା ଯାହାକି ଏକ ବଡ଼ ସଂଖ୍ୟାର ଲୋକମାନଙ୍କ ମଧ୍ୟରେ ସୂଚନାର ପ୍ରସାରଣ ଓ ବିକିରଣ କରିଥାଏ । ଏହା ଦୂରଦୂରାନ୍ତର ନିର୍ଦ୍ଦିଷ୍ଟ ସାଂସ୍କୃତିକ ଉପାଦାନମାନଙ୍କୁ ଲୋକମାନଙ୍କ ମଧ୍ୟରେ ପ୍ରଚାର କରି ପରିବର୍ତ୍ତନର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ ଓ ଏକପ୍ରକାରର ସାଂସ୍କୃତିକ ଆଧୁନିକୀକରଣକୁ ସୃଷ୍ଟି କରିଥାଏ । ଏହି ସମନ୍ୱୟ ଏକ ନୂତନ ସଂସ୍କୃତିର ରୂପ ନିଏ, ଯାହାର ଉଭୟ ଆଧୁନିକ ଓ ପାରମ୍ପରିକ ଉପାଦାନ ଥାଏ । ଲୋକଗୀତ ଓ ପାଶ୍ଚାତ୍ୟ ସଂଗୀତର ସମ୍ମିଶ୍ରଣରେ ଏକ ପ୍ରକାରର ନୂତନ ଲୋକପ୍ରିୟ ସଂଗୀତ ସୃଷ୍ଟି ହୋଇଥାଏ ।

ତେବେ ସବୁଠାରୁ ରୋଚକ କଥା ହେଉଛି ସାଂସ୍କୃତିକ ବିକିରଣଦ୍ୱାରା ଲୋକମାନଙ୍କର ଭୌତିକ ଜୀବନରେ ଦ୍ରୁତ ପରିବର୍ତ୍ତନ ଆସିବା ସତ୍ତ୍ୱେ, ସେମାନଙ୍କ ସାମାଜିକ ଜୀବନର ଅଭୌତିକ ଦିଗ, ଯଥା- ଧର୍ମ, ଆଦର୍ଶବାଦ ଓ ବିଶ୍ୱାସ ଧାରାରେ ମନ୍ଥର ଗତିରେ ପରିବର୍ତ୍ତନ ହୋଇଥାଏ ।

ଏହି ଘଟଣାକୁ "ସାଂସ୍କୃତିକ ବିଳମ୍ବନ" (cultural lag) କୁହାଯାଏ । ଯେତେବେଳେ ଅଭୌତିକ ସଂସ୍କୃତି, ଭୌତିକ ପରିବର୍ତ୍ତନ ସହ ତାଳ ଦେଇ ପାରେ ନାହିଁ, ସେତେବେଳେ ସଂସ୍କୃତିର ଏହି ଦୁଇଦିଗ



ଟୀପ୍ପଣୀ

ମଧ୍ୟରେ ଏକ ବ୍ୟବଧାନ ସୃଷ୍ଟି ହୁଏ । ଆଧୁନିକ ସମାଜର ସମଯୋଜନ (adjustment) ସମସ୍ୟାକୁ ଏହି ସାଂସ୍କୃତିକ ବ୍ୟବଧାନ ମାଧ୍ୟମରେ ବ୍ୟାଖ୍ୟା କରିହେବ । ଯେଉଁଠାରେ ଜୀବନରେ ଭୌତିକ ଦିଗରେ ଦ୍ରୁତ ପରିବର୍ତ୍ତନ ହେଉଥିବା ସ୍ଥଳେ, ଅଭୌତିକ ସଂସ୍କୃତିରେ ପରିବର୍ତ୍ତନର ବେଗ ମନ୍ଥର ହୋଇଥାଏ । ସମସ୍ତ ସମାଜକୁ ଏହି ପରିବର୍ତ୍ତନ ସହ ଖାପ ଖୁଆଇ ଚଳିବାକୁ ପଡ଼ିବ । ଯେଉଁ ସମାଜମାନଙ୍କରେ ଶାନ୍ତି ଓ ସଦ୍‌ଭାବ ପାଇଁ ହେଉଥିବା ଭୌତିକ ପରିବର୍ତ୍ତନ ସବୁ ସଂସ୍କୃତିର ଅଭୌତିକ କାରକମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାଆନ୍ତି, ସେହି ସବୁ ସମାଜରେ ଅନ୍ୟ ସମାଜ ତୁଳନାରେ ଅଧିକ ବିକାଶ ଦେଖାଯାଇଥାଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୭.୩

ଏକ/ଦୁଇ ଶବ୍ଦରେ ଉତ୍ତର ଦିଅ ।

(କ) ଆକବରଙ୍କ ଦ୍ୱାରା ପ୍ରଚାରିତ ଧର୍ମର ନାମ କ'ଣ ଥିଲା ?

(ଖ) ଏକ ସମାଜରୁ ଅନ୍ୟ ସମାଜକୁ ପ୍ରସାରିତ ହେଉଥିବା ପ୍ରଥା ଓ ରୀତିନିତି ପାଇଁ କେଉଁ ଶବ୍ଦ ବ୍ୟବହୃତ ହୁଏ ।

(ଗ) ସଂସ୍କୃତିର ଅଭୌତିକ ଦିଗ ସବୁ କ'ଣ ?

## ୧୭.୫ ସାମାଜିକ ପରିବର୍ତ୍ତନର ରାଜନୈତିକ କାରକ (Political factors of social change)

ଏହି ପାଠ୍ୟଖଣ୍ଡରେ ସାମାଜିକ ପରିବର୍ତ୍ତନ ଆଣିବାରେ ରାଷ୍ଟ୍ର ଓ ବିଧେୟକମାନଙ୍କର ଭୂମିକାକୁ ନିରୀକ୍ଷଣ କରିବା ।

### ଆଇନ / ବିଧେୟକ (Laws / Legislations)

ସମାଜରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ପରିବର୍ତ୍ତନ ଆଣିବାରେ ଆଇନ ଏକ ମାଧ୍ୟମ ଭାବରେ କାର୍ଯ୍ୟ କରେ । ଯେହେତୁ ଆଇନ ରାଷ୍ଟ୍ର ଦ୍ୱାରା ସମର୍ଥିତ ହୋଇଥାଏ ଓ ବାଧ୍ୟ କରିବାର କ୍ଷମତା ପାଇଥାଏ, ବ୍ୟକ୍ତିମାନେ ସେଥିପାଇଁ ଏହାକୁ ମାନିଥାଆନ୍ତି ।

(୧) ବିଭିନ୍ନ ବ୍ୟକ୍ତି ଓ ସମୂହମାନଙ୍କର ଭିନ୍ନ ଭିନ୍ନ ସାଂସ୍କୃତିକ ଓ ଆଚରଣ ଧାରା ଥିବା ସତ୍ତ୍ୱେ, ଆଇନ ସେମାନଙ୍କ ମଧ୍ୟରେ ଏକ ପ୍ରକାରର ସମରୂପ (Uniformity) ବ୍ୟବହାର ଧାରା ବିକଶିତ କରିଥାଏ ।

(୨) ଆଇନ୍ ମଧ୍ୟ ସାମାଜିକ କୁପ୍ରଥାମାନଙ୍କୁ ଦୂର କରିବାକୁ ଚେଷ୍ଟା କରିଥାଏ ଓ ସମାଜର ନିମ୍ନ ଶ୍ରେଣୀର ଉତ୍‌ଥାନ ପାଇଁ କାର୍ଯ୍ୟ କରିଥାଏ । ଭାରତରେ ଦୁର୍ବଳ ଶ୍ରେଣୀ – ଅନୁସୂଚିତ ଜାତି ଓ ଜନଜାତି ଓ ଅନ୍ୟ ପଛୁଆ ବର୍ଗ ଇତ୍ୟାଦିଙ୍କର ସ୍ୱାର୍ଥର ସୁରକ୍ଷା ଆଇନ୍ ମାଧ୍ୟମରେ ହିଁ କରାଯାଇଥାଏ । ଭାରତରେ ମହିଳା, ଶିଶୁ ଓ ବଂଚିତ ତଥା ଅବହେଳିତ ଶ୍ରେଣୀର ଲୋକମାନଙ୍କର ସ୍ୱାର୍ଥର ସୁରକ୍ଷା ମଧ୍ୟ ଆଇନ୍ କରିଥାଏ ।

(୩) ଆଇନ୍, ସମାଜ ସଂସ୍କାର କାର୍ଯ୍ୟ ମଧ୍ୟ କରିଥାଏ । ସାମାଜିକ ସ୍ଥିରତା ଓ ବିକାଶ କ୍ଷେତ୍ରରେ ଅନ୍ତରାୟ ହେଉଥିବା ବହୁ ପୁରାତନ ପ୍ରଥା ସବୁକୁ ବଦଳାଇବା ପାଇଁ ମଧ୍ୟ ଆଇନ ଚେଷ୍ଟା କରିଥାଏ । ଏହି କାରଣରୁ 1829 ମସିହାରେ ସତୀପ୍ରଥା ବିରୋଧରେ ଏକ ଆଇନ୍ ପ୍ରଣୟନ କରାଯାଇଥିଲା । ଏହାର ଏକ ଶତାବ୍ଦୀ ପରେ ବିବାହ ପାଇଁ ପୁଅ ଓ ଝିଅଙ୍କର ବୟସ ସୀମା



ଟୀପ୍ପଣୀ



ପରିବର୍ତ୍ତନ କରି ଏକ ଆଇନ୍ ପ୍ରଣୟନ କରାଯାଇଥିଲା । ଏହି ଆଇନ ଅନୁସାରେ ବିବାହ ପାଇଁ ପୁଅର 18 ଓ ଝିଅର 14 ବର୍ଷ ବୟସ ଧାର୍ଯ୍ୟ କରାଯାଇଥିଲା । ପରେ, ଯୌତୁକ ଦେବା ନେବାକୁ ଅପରାଧ ସାବ୍ୟସ୍ତ କରି ଆଇନ୍ ପ୍ରଣୀତ ହୋଇଥିଲା । ଏହାବାଦ, ସମ୍ବିଧାନର ଧାରା 17 ଅସ୍ପୃଶ୍ୟତା ନିବାରଣ କରିଛି । ସଂପ୍ରତି ଅସ୍ପୃଶ୍ୟତା ଏକ ଦଣ୍ଡନୀୟ ଅପରାଧ ଅଟେ ।

ଯେଉଁଠାରେ ପ୍ରଚଳିତ ସାମାଜିକ ପ୍ରଥା ସହିତ ଆଇନର ବିରୋଧାଭାସ ହୋଇଥାଏ, ସେହିଠାରେ ସାମାଜିକ ପରିବର୍ତ୍ତନର ମାଧ୍ୟମ ହିସାବରେ ଆଇନ ପୂର୍ଣ୍ଣ ଅଭିବ୍ୟକ୍ତି ହାସଲ କରିଥାଏ ।

ତେବେ କେବଳ ଆଇନ୍ ଦ୍ୱାରା ସମାଜ ସଂସ୍କାର ହୋଇପାରିବ ନାହିଁ । ଏଥିପାଇଁ ଆଇନ୍‌କୁ ସାମାଜିକ ଢାଞ୍ଚାର ସମର୍ଥନ ମିଳିବା ଦରକାର ଓ ଜନସମର୍ଥନ ମଧ୍ୟ ନିହାତି ଆବଶ୍ୟକ ।

**ଜନମତ (Public Opinion)** ହେଉଛି ସାମାଜିକ ପରିବର୍ତ୍ତନର ଏକ ଦୃଢ଼ ମାଧ୍ୟମ । କେବଳ ଆଇନ୍ ପ୍ରଥା ଓ ବିଶ୍ୱାସ ଧାରାକୁ ବଦଳାଇ ପାରିବ ନାହିଁ । ଏହା, ଏହି ସବୁ ଘଟଣାରୁ ସ୍ପଷ୍ଟ ଯେ, ସତୀ, ବାଲ୍ୟବିବାହ, ଯୌତୁକ, ଅସ୍ପୃଶ୍ୟତା ଇତ୍ୟାଦି ବିରୋଧରେ ଆଇନ୍ ପ୍ରଣୀତ ହୋଇଥିଲେ ସୁଦ୍ଧା ସେହି ସବୁ ସାମାଜିକ କୁ-ପ୍ରଥା ଏବେ ବି ସମାଜରେ କେତେକାଂଶରେ ପ୍ରଚଳିତ ଅଛି । ଏହି ସବୁ ପ୍ରତିବନ୍ଧକ ଥିବା ସତ୍ତ୍ୱେ, ଆଇନ୍ ଏବେ ମଧ୍ୟ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ସଂସ୍କାର ଓ ପରିବର୍ତ୍ତନ ଆଣିବାର ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ କାର୍ଯ୍ୟ କରୁଛି । ସମାଜବିଜ୍ଞାନୀମାନେ ଆଇନର ଏହି ପ୍ରକାର୍ଯ୍ୟକୁ ନିମ୍ନୋକ୍ତ ମତେ ଦର୍ଶାଇଛନ୍ତି ।

(୧) ପରିବର୍ତ୍ତନର ସୂଚକ

(୨) ପରିବର୍ତ୍ତନର ପ୍ରବର୍ତ୍ତକ

(୩) ପରିବର୍ତ୍ତନର ସଂରକ୍ଷକ୍

**ନିର୍ବାଚନର ଭୂମିକା (Role of Elections)**

ଆଇନ୍ ବ୍ୟତୀତ, ଭୋଟ ଦାନ ଅଧିକାର ଓ ନିର୍ବାଚନ ମଧ୍ୟ ସାମାଜିକ ପରିବର୍ତ୍ତନର ପ୍ରଭାବଶାଳୀ କାରକ ହୋଇଥାଆନ୍ତି, ଭୋଟ ଦାନର ଅଧିକାର ଜଣେ ବ୍ୟକ୍ତିର ସାମାଜିକ କ୍ଷେତ୍ରରେ ଆଗ୍ରହ ବଢ଼ାଇଥାଏ ଓ ଗଣଶିକ୍ଷାର ଏକ ମାଧ୍ୟମ ହୋଇଥାଏ । ନିର୍ବାଚନ ପରିପ୍ରେକ୍ଷୀରେ ରାଜନୈତିକ ଦଳ ଓ ନେତାମାନେ ଲୋକମାନଙ୍କୁ ବିଭିନ୍ନ ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ତଥା ଆର୍ଥିକ ପ୍ରସଙ୍ଗମାନଙ୍କ ଉପରେ ସଚେତନ କରାଇଥାଆନ୍ତି । ଏହା ବ୍ୟତୀତ, ଏହି ପ୍ରକ୍ରିୟା ମତଦାତା ମଧ୍ୟରେ ଏକ ଭୋଟର ହିସାବରେ ଏକ ସ୍ୱାଭିମାନ ଓ ଦାୟିତ୍ୱବୋଧ ସୃଷ୍ଟି କରିଥାଏ ।

(୧) ନିର୍ବାଚନ ମାଧ୍ୟମରେ ଅନେକ ପ୍ରସଙ୍ଗ ଉତ୍‌ଥାପିତ ହୋଇଥାଏ, ଯାହାକି ଲୋକମାନଙ୍କର ସମସ୍ୟା ସବୁକୁ ଉନ୍ମୋଚିତ କରିଥାଏ ।

(୨) ନିର୍ବାଚନ ହେଉଛି ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ପ୍ରକାର ରାଜନୈତିକ ଯୋଗାଯୋଗ । ଏହା ମାଧ୍ୟମରେ ଶାସକମାନେ ଲୋକଙ୍କର ସମସ୍ୟାକୁ ନେଇ ସମ୍ବେଦନଶୀଳ ହୋଇଥାନ୍ତି । ଏହି ଦ୍ୱିପକ୍ଷୀୟ ସଚେତନତା (ଶାସକ ଓ ନିର୍ବାଚକ - ଉଭୟ ପକ୍ଷ) ସାମାଜିକ ପରିବର୍ତ୍ତନ ଆଣିଥାଏ ।